# NATIONAL NEWS BULLETIN (ODIA)

**20 April - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି ନୂଆ ଫୌଜଦାରୀ ଆଇନଗୁଡ଼ିକର ପ୍ରଣୟନ ଦେଶରେ ପରିବର୍ତ୍ତନର ସୂଚନା ପ୍ରଦାନ କରୁଛି ।

- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନାନ୍ଦେଡ ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି ।

- ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ଶିଷୋଦିଆଙ୍କ ଦ୍ୱାରା ଦାଖଲ କରାଯାଇଥିବା ନିୟମିତ ଜାମିନ ଆବେଦନ ଉପରେ ଦିଲ୍ଲୀର ଏକ ଅଦାଲତ ରାୟକୁ ସ୍ଥଗିତ ରଖିଛନ୍ତି ।

- ଝାରସୁଗୁଡ଼ା ଜିଲ୍ଲାରେ ମହାନଦୀରେ ହୋଇଥିବା ନୌକା ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି ।

ଏବଂ

- ଗତ ୨୪ ଘଣ୍ଟା ମଧ୍ୟରେ ତେଲଙ୍ଗାନାର ବିଭିନ୍ନ ଭାଗରେ ଅଦିନିଆ ବର୍ଷା ହୋଇଛି ।

# ସିଜେଆଇ କନ୍‌ଫରେନ୍ସ

ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି ନୂଆ ଫୌଜଦାରୀ ଆଇନଗୁଡ଼ିକ ପ୍ରଣୟନ ହୋଇଥିବାରୁ ଦେଶ ପରିବର୍ତ୍ତନ ପଥରେ ଆଗେଇ ଚାଲିଥିବାର ସୂଚନା ମିଳିଛି । ନୂଆଦିଲ୍ଲୀରେ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ଚନ୍ଦ୍ରଚୂଡ଼ କହିଛନ୍ତି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଭଳି ୩ଟି ଫୌଜଦାରୀ ଆଇନ ଲାଗୁ ହେବା ସହ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା କ୍ଷେତ୍ରରେ ଭାରତ ଅଗ୍ରଗତି ପଥରେ ଅଗ୍ରସର ହେଉଛି । ସେ କହିଛନ୍ତି ଏହି ଆଇନ ଗୁଡ଼ିକ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ଭାରତକୁ ନୂଆ ଯୁଗରେ ପହଞ୍ଚାଇବ । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର ବିଷୟରେ ଉଲ୍ଲେଖ କରି ଡକ୍ଟର ଚନ୍ଦ୍ରଚୂଡ଼ କହିଛନ୍ତି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନ୍ୟାୟପାଳିକାକୁ ଫୌଜଦାରୀ ମାମଲା ଗୁଡ଼ିକର ବିଚାରର ସ୍ଥିତାବସ୍ଥା ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିବ । ସେ କହିଛନ୍ତି ନ୍ୟାୟ ପ୍ରଦାନରେ ହେଉଥିବା ତ୍ରୁଟିଗୁଡ଼ିକୁ ଠାବ କରିବାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର ହେବା ଉଚିତ । ଦେଶର ନାଗରିକମାନେ ଏହି ନୂଆ ଆଇନ ଗୁଡ଼ିକୁ ଗ୍ରହଣ କଲେ ସେଗୁଡ଼ିକ ସଫଳ ହୋଇପାରିବ । ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘଓ୍ୱାଲ କହିଛନ୍ତି ଏହି ନୂଆ

ଫୌଜଦାରୀ ଆଇନଗୁଡ଼ିକ ଏକବିଂଶ ଶତାବ୍ଦୀର ଐତିହାସିକ ପଦକ୍ଷେପ । ଏହି ନୂଆ ଆଇନରେ ଅନ୍‌ଲାଇନ୍ ବିଚାର ଓ ଇ-ଫାଇଲିଙ୍ଗ୍‌ର ସୁବିଧା ରହିଛି ।

## ପିଏମ୍ ର୍ୟାଲି-ନାନ୍ଦେଡ୍

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନାନ୍ଦେଡ ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ହୋଇଥିବା ମତଦାନକୁ ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ବାଚନ ଗୁଡ଼ିକରେ ଅଧିକ ସଂଖ୍ୟାରେ ଆସି ମତଦାନ କରିବାକୁ ସେ ସର୍ବସାଧାରଣଙ୍କୁ ନିବେଦନ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଉଭୟ ଶାସକ ଦଳ ଓ ବିରୋଧୀ ଦଳକୁ ଗଣତନ୍ତ୍ରର ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରିବାକୁ ହେବ । ସେ ପୁଣି କହିଛନ୍ତି NDA ସରକାର ମହିଳାମାନଙ୍କୁ ଶୌଚାଳୟ, ଗରିବମାନଙ୍କୁ ବ୍ୟାଙ୍କ ଜମାଖାତା, ସର୍ବସାଧାରଣଙ୍କୁ ଡିଜିଟାଲ ଇଣ୍ଡିଆ ଓ UPI ଭଳି ସୁବିଧାମାନ ଯୋଗାଇଛନ୍ତି । କଂଗ୍ରେସର ସମାଲୋଚନା କରି ସେ କହିଛନ୍ତି କଂଗ୍ରେସ UPI ବୈଷୟିକ ଜ୍ଞାନ ଓ ନାଗରିକ ସଂଶୋଧନ ଆଇନକୁ ବିରୋଧ କରିଥିଲା ଓ ମହାରାଷ୍ଟ୍ର ପ୍ରତି ଅବହେଳା କରିଥିଲା । ଏହା ଯୋଗୁଁ କୃଷକମାନଙ୍କର ସମସ୍ୟା ସୃଷ୍ଟି ହୋଇଥିଲା, ଶିଳ୍ପ ସମସ୍ୟା ଆରମ୍ଭ ହୋଇଥିଲା ଓ ମରାଠାଓ୍ୱାଡ଼ାରେ ଲୋକମାନେ ସ୍ଥାନାନ୍ତରିତ ହେବାକୁ ବାଧ୍ୟ ହୋଇଥିଲେ । କିଷାନ ସମ୍ମାନ ନିଧି ମାଧ୍ୟମରେ କୃଷକମାନଙ୍କୁ ମିଳିଥିବା

ସୁବିଧା ବିଷୟରେ ଉଲ୍ଲେଖ କରି ସେ ନାଗରିକ ସଂଶୋଧନ ଆଇନର ପ୍ରଶଂସା କରିଛନ୍ତି ।

ଦେଶ ବିଭାଜନ ଯୋଗୁଁ ଯେଉଁମାନେ ପ୍ରଭାବିତ ହୋଇଥିଲେ, ଏହା ସେମାନଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ସେ କହିଛନ୍ତି । ଭାରତକୁ ବିଶ୍ୱର ତୃତୀୟ ବୃହତମ ଅର୍ଥନୀତିରେ ପରିଣତ କରିବା ପାଇଁ ସେ ତାଙ୍କର ପ୍ରତିଶ୍ରୁତିକୁ ଦୋହରାଇଚନ୍ତି ।

ର୍ୟାଲିରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥେ ସିନ୍ଦେ, ବିଜେପି ସାଂସଦ ଅଶୋକ ଚୌହାନ, ରିପବ୍ଲିକ୍ ପାର୍ଟି ଅଫ୍ ଇଣ୍ଡିଆ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାଓ୍ୱାଲେ ଉପସ୍ଥିତ ଥିଲେ ।

ନାନ୍ଦେଡ୍ ଓ ହିଙ୍ଗୋଲି ଲୋକସଭା ଆସନରେ ୨୬ ତାରିଖରେ ମତଦାନ ହେବ । ବିଜେପି’ ନାନ୍ଦେଡ ରୁ ପ୍ରତାପ ପାଟିଲ୍ ଚିଖ୍ଲିକର ଙ୍କୁ ପ୍ରାର୍ଥୀ କରାଇଛି । ହିଙ୍ଗୋଲି ନିର୍ବାଚନ ମଣ୍ଡଳୀରୁ NDA ମେଣ୍ଟ ବାବୁରାଓ କଦମ କୋହଲିକରଙ୍କୁ ପ୍ରାର୍ଥୀ କରିଛି । କଂଗ୍ରେସ ପୂର୍ବତନ ବିଧାୟକ ବସନ୍ତ ଚୌହାନଙ୍କୁ ନାନ୍ଦେଡରୁ ପ୍ରାର୍ଥୀ କରିଥିବା ବେଳେ ଶିବସେନା ଉଦ୍ଧବ ଗୋଷ୍ଠୀ ନାଗେଶ୍ ପାଟିଲ୍ଙ୍କୁ ହିଙ୍ଗୋଲିରୁ ପ୍ରାର୍ଥୀ କରିଛି ।

## ଶିଷୋଦିଆ ଜଜ୍‌ମେଣ୍ଟ

ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ଶିଷୋଦିଆଙ୍କ ଦ୍ୱାରା ଦାଖଲ କରାଯାଇଥିବା ନିୟମିତ ଜାମିନ ଆବେଦନ ଉପରେ ଦିଲ୍ଲୀର ଏକ

ଅଦାଲତ ରାୟକୁ ସ୍ଥଗିତ ରଖିଛନ୍ତି । ମନୀଷ ଶିଷୋଦିଆ ଅବକାରୀ ନୀତି ମାମଲାରେ ଗତବର୍ଷ ଗିରଫ ହୋଇଥିଲେ । ରାଉଜ୍ ଆଭିନିଉ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାବେଜା  କହିଛନ୍ତି ଆସନ୍ତା ୩୦ ତାରିଖରେ ଏ ସମ୍ବନ୍ଧୀୟ ରାୟ ପ୍ରକାଶ ପାଇବ । ED ଓ CBI ମାମଲାରେ ତାଙ୍କୁ ନିମ୍ନ ଅଦାଲତ, ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଜାମିନ ଦେଇନଥିଲେ । ପୂର୍ବରୁ ଶ୍ରୀ ଶିଷୋଦିଆ ରାଉଜ୍ ଆଭିନିଉ କୋର୍ଟରୁ ତାଙ୍କର ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନ ପ୍ରତ୍ୟାହାର କରିନେଇଥିଲେ । ନିର୍ବାଚନ ପ୍ରଚାର ପାଇଁ ସେ ମଧ୍ୟବର୍ତ୍ତୀକାଳୀନ ଜାମିନ ପାଇବାକୁ ଆବେଦନ କରିଥିଲେ । ଗତବର୍ଷ ଫେବୃୟାରୀ ମାସରୁ ସେ ଜେଲ୍‌ରେ ଅଛନ୍ତି ।

## କେରଳ କ୍ୟାମ୍ପେନ୍

କେରଳରେ ଆସନ୍ତା ୨୬ ତାରିଖରେ ଲୋକସଭା ନିର୍ବାଚନ ହେବାକୁ ଥିବା ବେଳେ ତିନୋଟି ଯାକ ପ୍ରମୁଖ ସାମ୍ମୁଖ୍ୟ ଜୋରସୋରରେ ପ୍ରଚାର ଚଳାଇଛନ୍ତି । ଆଜି କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ତିରୁବନନ୍ତପୁରମ୍ ଠାରେ NDA ପାଇଁ ପ୍ରଚାର କରିବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା । କିନ୍ତୁ ସେ ତାଙ୍କର ଗସ୍ତକୁ ବାତିଲ କରିଛନ୍ତି । କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଚଲାକୁଡ଼ି, ପଠନମ୍‌ଥିଟା ଓ ତିରୁବନନ୍ତପୁରମ୍‌ରେ ପ୍ରଚାର କରିବେ ।

ଇତିମଧ୍ୟରେ CPI ଜାତୀୟ ସାଧାରଣ ସମ୍ପାଦକ ଡି. ରାଜା ଆଜି ଓ୍ୱାୟାନାଡରେ ପ୍ରଚାର କରିବେ । ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ବଡ଼ାକରା ଠାରେ ପ୍ରଚାର କରୁଛନ୍ତି । ତାମିଲନାଡୁ ବିଜେପି ବିଧାୟକ ବିଜୟ ଧରଣୀ ଆଜି NDA ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

## କର୍ଣ୍ଣାଟକ କ୍ୟାମ୍ପେନ୍

କର୍ଣ୍ଣାଟକରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହୋଇଛି । କର୍ଣ୍ଣାଟକର ଦକ୍ଷିଣଭାଗ ସ୍ଥିତ ୧୪ଟି ଲୋକସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ପ୍ରଧାନମନ୍ତ୍ରୀ ଆଜି ଅପରାହ୍ନରେ ସେଠାରେ ପହଞ୍ଚୁଛନ୍ତି । ସେ ଚୋକାହାଲି ଠାରେ ଏକ ସଭାରେ ଉଦ୍‌ବୋଧନ ଦେବେ । ଏହାପରେ ସେ ବେଙ୍ଗାଲୁରୁ ପ୍ୟାଲେସ୍ ଗ୍ରାଉଣ୍ଡ୍ ଠାରେ ଆଜି ସନ୍ଧ୍ୟାରେ ଉଦ୍‌ବୋଧନ ଦେବେ । ଉଭୟ ସ୍ଥାନର ୬ଟି ଲେଖାଏଁ ନିର୍ବାଚନ ମଣ୍ଡଳୀରେ ସେ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ପ୍ରଚାର କରିବେ । JDS କୋଲାର ରୁ ପ୍ରାର୍ଥୀ ଛିଡ଼ା କରାଇଛି ଓ ପ୍ରଧାନମନ୍ତ୍ରୀଙ୍କ ସହ ଏହା ପ୍ରଚାରରେ ଯୋଗ ଦେବ । କଂଗ୍ରେସ ମଧ୍ୟ ସେହି ଅଞ୍ଚଳରେ ପ୍ରଚାର କରୁଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ଓ ଡି.କେ. ଶିବକୁମାର' କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ କିଛିଦିନ ପୂର୍ବେ କୋଲାର୍ ରେ ପ୍ରଚାର କରିଥିଲେ । ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ମହୀଶୂର ଓ

ମାଣ୍ଡ୍ୟା ନିର୍ବାଚନ ମଣ୍ଡଳିରେ ପ୍ରଚାର କରୁଥିବା ବେଳେ ଡି. ଶିବକୁମାର ଆଜି ମାଣ୍ଡ୍ୟା ଠାରେ ପ୍ରଚାର କରୁଛନ୍ତି ।

## ଓଡ଼ିଶା ଟ୍ରାଜେଡି

ଝାରସୁଗୁଡ଼ା ଜିଲ୍ଲାରେ ମହାନଦୀରେ ହୋଇଥିବା ନୌକା ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି । ପ୍ରଶାସନ ପକ୍ଷରୁ ୭ଟିଯାକ ମୃତଦେହକୁ ଚିହ୍ନଟ କରାଯାଇଛି । ନିଖୋଜ ହୋଇଥିବା ଅନ୍ୟ ମହିଳାମାନଙ୍କୁ ଖୋଜି ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୫୪ ଜଣ ଲୋକ ଥିବା ସେହି ଡଙ୍ଗାଟି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ନିକଟରେ ମହାନଦୀରେ ବୁଡ଼ି ଯାଇଥିଲା । ଡଙ୍ଗାରେ ଯାତ୍ରା କରୁଥିବା ସମସ୍ତ ଲୋକ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ବୋଲି ଜଣାପଡ଼ିଛି । ସେମାନେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଖାରସେଣୀ କୁ ଯାଉଥିଲେ ।

## ଆମରୋହା କନ୍ଷ୍ଟିଚୁଏନ୍ସି

ଉତ୍ତରପ୍ରଦେଶର ଆମରୋହା ଲୋକସଭା ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ଉତ୍ତରପ୍ରଦେଶର ୮ଟି ନିର୍ବାଚନ ମଣ୍ଡଳୀ ପାଇଁ ଏହି ପର୍ଯ୍ୟାୟରେ ମତଦାନ ହେବ। ଆମ ସମ୍ବାଦଦାତା ଜଣାଇଛନ୍ତି ଆମରୋହା ରେ ୧୨ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେମାନଙ୍କ

ମଧ୍ୟରେ ୮ ଜଣ ନିର୍ଦ୍ଦଳୀୟ ପ୍ରାର୍ଥୀ ରହିଛନ୍ତି । ୧୭ଲକ୍ଷ ୧୩ ହଜାର ୧୫୪ ଜଣ ମତଦାତା ୧୨ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ । ୯ ଲକ୍ଷ ୬ ହଜାର ୭ଶହ ଅଣାଅଶୀ ଜଣ ପୁରୁଷ ଓ ୮ ଲକ୍ଷ ୬ ହଜାର ୩୧୮ ଜଣ ମହିଳା ମତଦାତାଙ୍କ ବ୍ୟତୀତ ୫୭ ଜଣ କ୍ଲୀବ ମତଦାତା ରହିଛନ୍ତି । ବିଜେପି କଓ୍ବଁରସିଂ ତନଓ୍ବାରଙ୍କୁ କ୍ରମାନ୍ୱୟରେ ତୃତୀୟବାର ଲାଗି ସେଠାରେ ପ୍ରାର୍ଥୀ କରିଛି । କଓ୍ବଁର ସିଂ ତନଓ୍ବାର ୨୦୧୪ରେ ସେଠାରୁ ବିଜୟୀ ହୋଇଥିଲେ । କିନ୍ତୁ ୨୦୧୯ରେ ସେ ପରାଜୟ ବରଣ କରିଥିଲେ। ଏଥରକର ନିର୍ବାଚନରେ ସେଠାରେ ବିଜେପି ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି । ବହୁଜନ ସମାଜପାର୍ଟି ସେଠାରୁ ମୁଜାହିଦ୍ ହୁସେନଙ୍କୁ ଛିଡ଼ା କରାଇଛି । ବହୁ ବଡ଼ବଡ଼ ରାଜନୈତିକ ନେତା ଅମରୋହା ନିର୍ବାଚନ ମଣ୍ଡଳୀକୁ ଗସ୍ତ କରି ସଭାସମିତି ଗୁଡ଼ିକରେ ଉଦ୍‌ବୋଧନ ଦେଇଛନ୍ତି ।

## ତେଲଙ୍ଗାନା ଅନ୍‌ଟାଇମ୍ ରେନ୍

ଗତ ୨୪ ଘଣ୍ଟା ମଧ୍ୟରେ ତେଲଙ୍ଗାନାର ବିଭିନ୍ନ ଭାଗରେ ଅଦିନିଆ ବର୍ଷା ହୋଇଛି । ନିଜାମାବାଦ ଜିଲ୍ଲାର କିଛି ଭାଗ ଓ ତାହା ଆଖପାଖ ଅଞ୍ଚଳରେ କୁଆପଥର ବୃଷ୍ଟି ହୋଇଛି । ଜନଗାଓଁ ଜିଲ୍ଲାର ନମେଟ୍ଟା ଠାରେ ୪୮ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ନିଜାମାବାଦ ର ନବୀପେଟ୍ ଠାରେ ୭୬ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

ହାଇଦ୍ରାବାଦ ର ଜନସାଧାରଣ ଅତିଷ୍ଠ ଗରମରୁ ରିହାତି ପାଇଛନ୍ତି । ବର୍ଷା ସାଙ୍ଗକୁ ସମଗ୍ର ଅଞ୍ଚଳରେ ବଜ୍ରପାତର ମଧ୍ୟ ଖବର ମିଳିଛି । ସଇଦାବାଦ, କୋଟାପେଟ୍, ନାଗୋଲେ,ଉପ୍ପଲ୍, ଚୈତନ୍ୟପୁରୀ, ରାଜେନ୍ଦ୍ରନଗର, ଚମ୍ପାପେଟ୍, ହିମାୟତନଗର, ଜୁବୁଲି ହିଲ୍ସ, ଅଲୱାଲ୍ ଓ ସରୁର୍ ନଗର ସମେତ ଆହୁରି ଅନେକ ସ୍ଥାନରେ ଭଲ ବର୍ଷା ହୋଇଛି ।

ତେବେ ଏହି ହଠାତ୍ ବର୍ଷା ଯୋଗୁଁ ଆଜି ସକାଳେ ଭୀଷଣ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା । ଅଫିସ ଯାଉଥିବା ଲୋକମାନେ ବର୍ଷା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଆଜି ସକାଳୁ ଜଗତିଆଲ୍, ଜନଗାଓଁ, ଯୋଗଲାମ୍ବା ଗଡୱାଲ, କାମାରେଡ୍ଡି, କରିମ୍‌ନଗର, ମହବୁବ୍ ନଗର, ମେଡକ୍, ମେଡ୍‌ଚାଲ-ମଲକାଜଗିରି, ନଗର କୁମ୍ବୁଲ୍, ନିର୍ମଲ୍, ନିଜାମାବାଦ, ରାଜନ୍ନା ଶିରସିଲା, ରଙ୍ଗାରେଡ୍ଡୀ ଓ ସଙ୍ଗାରେଡ୍ଡୀ ଆଦି ଜିଲ୍ଲାରେ ବର୍ଷା ହୋଇଛି । ଅଦିନିଆ ବର୍ଷା ଯୋଗୁଁ ଧାନଚାଷୀ ଓ ଆମ୍ବଚାଷୀମାନଙ୍କ ପାଇଁ କ୍ଷତି ପହଞ୍ଚିଛି ।